# "ଯାହା ହେଲାଣି ହେଲାଣି ଜୀବନକୁ ଆଉ ନଷ୍ଟ ନକରି ଚୁପ୍ ଚାପ୍ ନୂଆ ଜୀବନ ଆରମ୍ଭ କର" !

ମୋର ନାମ ସନ୍ତୋଷ ବାଡ଼ତିଆ (ଛଦ୍ମନାମ) । ଘର କରଞ୍ଜିଆ ଥାନା ମୟୁରଭଞ୍ଜରେ । ବାପା ମୋର ମାଇନିଙ୍ଗ୍‌ରେ ଚାକିରୀ କରୁଥିବାରୁ ଆମେ ଭୁବନେଶ୍ୱରରେ ରହୁଥିଲୁ । ମୁଁ ଜଣେ ଭଲ ଛାତ୍ର କିନ୍ତୁ ପିଲା ବେଳୁ ବହୁ ଦୁଷ୍ଟ ଥିଲି । ବୟସ କମ୍ ଥିବାରୁ ବାପା ମାଙ୍କର ଗାଳି ମୁଁ କିଛି ବୁଝିପାରୁ ନଥିଲି । ହଠାତ୍ ୧୯୯୧ ମସିହାରେ ହୃଦ୍‌ଘାତରେ ବାପା ଚାଲିଗଲେ । ବାପାଙ୍କ ଚାକିରୀ ମା'ଙ୍କୁ ମିଳିଲା । ଏହାପରେ ମା ଏବଂ ଭାଇ ଭଉଣୀମାନେ ସମସ୍ତେ ମିଶି ଭୁବନେଶ୍ୱରରେ ରହିଲୁ ଏବଂ ପାଠ ମଧ ପଢ଼ିଲୁ । ଇତି ମଧରେ ମୁଁ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ୍ ପାଠ ପଢୁଥାଏ । ଆମେ ରହୁଥିବା ଘରପାଖ ଏକ ଝିଅ ସହିତ ମୋର ପରିଚୟ ହେଲା । ଉକ୍ତ ଝିଅ ତା'ର ମାଉସୀ ଘରକୁ ଆସୁଥିଲା । ଉଭୟଙ୍କୁ ଦେଖା ସାକ୍ଷାତ ପରେ ଧିରେ ଧିରେ ବନ୍ଧୁତା ଓ ଏହା ପ୍ରେମରେ ପରିଣତ ହେଲା । ଏପରିକି ଆମେ ଉଭୟେ ୨୦୦୭ ମସିହାରୁ ଶାରିରୀକ ସମ୍ପର୍କ ମଧ ରଖୁଥିଲୁ । ଉଭୟେ ଉଭୟଙ୍କୁ ବହୁତ ଭଲପାଉଥିଲୁ । ଏପରିକି ପରିବାରର ଲୋକ ଏହାକୁ ବିରୋଧ କଲେ ଆମ୍ଭେ ଉଭୟେ ଆତ୍ମହତ୍ୟା କରିବୁ ବୋଲି ଶପଥ ମଧ ନେଇଥିଲୁ । ଇତି ମଧରେ ମୁଁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ହୋଟେଲ୍‌ରେ ଚାକିରୀ ମଧ କରୁଥିଲି । ସେଥିରୁ ଯାହା ଦରମା ପାଏ ତା'ର ପ୍ରାୟ ଅଧାରୁ ଅଧିକା ଆମ ଉଭୟେଙ୍କର ମଉଜ ମସ୍ତି ଓ ମୋ ପ୍ରେମିକାର କମ୍ପିଟେଟିଭ୍ ପରୀକ୍ଷାରେ ଖର୍ଚ୍ଚ ହୋଇଯାଏ । ଏପରିକି ସେ ପୁରୀ ଓ ବିଭିନ୍ନ ସ୍ଥାନ ବୁଲିବାପାଇଁ ଜିଦ୍ କରୁଥିବାରୁ ତାକୁ ଖୁସି କରିବାକୁ ଯାଇ ମୁଁ ମୋର କର୍ମ କ୍ଷେତ୍ରରେ ବହୁବାର ଅପମାନିତ ହୋଇଛି ଏବଂ ବିଭିନ୍ନ ମିଛ ବାହାନା କରି କ୍ଷମା ପ୍ରାର୍ଥନା ମଧ କରିଛି । ସେ ଯାହାବିହେଲେ ପ୍ରେମିକାର ପ୍ରେମ ଆଗରେ ସବୁ କିଛି ମୁଁ ତୁଚ୍ଛ ମଣୁଥିଲି । ମାତ୍ର ଦିନେ ହଠାତ୍ ତା'ର ଜଣେ ସାଙ୍ଗ ମତେ କହିଲେ ଯେ, ମୋ ପ୍ରେମିକା ମତେ ବିବାହ କରିବ ନାହିଁ । ଏହା ଶୁଣି ମୁଁ କିଛି ସମୟ ପାଇଁ ଘବଡାଇ ଯାଇଥିଲି । ଏହାପରେ ମୋର ପ୍ରେମିକାକୁ ପଚାରିବାରୁ ସେ ମତେ କହିଥିଲା । ଚାଲ ଆମେ ଓକିଲ ପରାମର୍ଶ କରି ବିବାହ କରିଦେବା । ୨୦୧୩ ମସିହା ଅକ୍ଟୋବର ମାସ ୨୯ ତାରିଖ ଦିନ ଭୁବନେଶ୍ୱର ମ୍ୟାରେଜ୍ ଅଫିସରଙ୍କ ପାଖରେ ଆମେ ବିବାହ କରିଲୁ । ଏହା ପରେ ଭୁବନେଶ୍ୱର ଓଲ୍ଡ୍ ଟାଉନ୍‌ରେ ଏକ ଘର ନେଇ ରହିଲୁ । ହେଲେ ବିଧିର ବିଧାନ ବଡ଼ ବିଚିତ୍ର । ଲୋକେ କୁହନ୍ତି ଭଗବାନ୍ କୋଉଠି କାହାର ଅତ୍ୟଧିକ ଖୁସିକୁ ସହ୍ୟ କରିପାରନ୍ତି ନାହିଁ । ହଠାତ୍ ମୋର ଚାକିରୀରେ ପଦୋନ୍ନତି ହୋଇ କେରଳକୁ ବଦଳି ହୋଇଗଲା । ମୁଁ ସ୍ତ୍ରୀ କୁ ଛାଡ଼ି ଯିବାକୁ ଅମଙ୍ଗ ହେବାରୁ ସ୍ତ୍ରୀ ମୋତେ ମୁଣ୍ଡ ଛୁଆଁଇ ନିଅମ କରାଇଲା କେରଳ ଯିବାପାଇଁ । ତାର କଥାରେ ରାଜି ହୋଇ କେରଳ ପଳାଇଲି । ଦୀର୍ଘ ଦେଢ଼ ବର୍ଷ କେରଳରେ ମୋତେ ଚାକିରୀ କରିବାକୁ ପଡ଼ିଲା । ମୋର ସ୍ତ୍ରୀ ଏହି ସମୟରେ ଇଗ୍ନୋରେ ଏମ୍.ଏ. କରିଲା । ମାତ୍ର ମୁଁ ବହୁ କଷ୍ଟ କରି ପୁଣି କେରଳରୁ ଓଡ଼ିଶାକୁ ବଦଳି ହୋଇ ଆସିଲି । ହେଲେ ମୋ ସ୍ତ୍ରୀ ଏବେ ମୋ ପାଖକୁ ଆସିବାକୁ ନାରାଜ୍ । କହୁଛି, ମୁଁ ଚାକିରୀ କରିବି । ମୋର ଦୁଇ ଦୁଇଟି କୋଟା ଅଛି । ଯଥା- ମୁଁ ଏସ୍. ଟି. ଏବଂ ମହିଳା । ତୁମକୁ ଅଜାତିରେ ବିବାହ କଲେ ବାପା ମା ମୋର ଆତ୍ମ ହତ୍ୟା କରିବେ । ତୁମକୁ ବିବାହ ସମୟରେ ମୁଁ ଛୋଟ ପିଲା ଥିଲି । ଯଦି ମୋ ବିରୁଦ୍ଧରେ କିଛି ଆଇନ୍‌ଗତ ପଦକ୍ଷେପ ଗ୍ରହଣ କର ତେବେ ମୁଁ ମଧ ବିଭିନ୍ନ ମାମଲା କରି ଶିଖିଛି । ମୁଁ ଚାକିରୀ କରିବି ଏବଂ ତୁମେ ମୋ ପାଇଁ ଖର୍ଚ୍ଚ କରିଥିବା ସବୁ ପଇସା ଫେରାଇଦେବି । ଇତି ମଧରେ ମୁଁ ମହିଳା ପୋଲିସ, ମହିଳା କମିଶନ୍, ବରିଷ୍ଠ ପୋଲିସ୍ ଅଧିକାରୀ ଓ ବହୁ ଓକିଲଙ୍କୁ ଭେଟି ସାରିଥିଲେ ମଧ ସମସ୍ତଙ୍କର ଗୋଟିଏ କଥା । ଯାହା ହେଲାଣି ହେଲାଣି ଜୀବନକୁ ଆଉ ନଷ୍ଟ ନକରି ଚୁପ୍ ଚାପ୍ ନୂଆ ଜୀବନ ଆରମ୍ଭ କର । ନହୁବା ପଥର ଦେହରେ ମୁଣ୍ଡ ପିଟିଲେ, ପଥରର କିଛି କ୍ଷତି ଘଟିବ ନାହିଁ । ଭାରତର ସମସ୍ତ ଆଇନ କେବଳ ମହିଳା ସୁରକ୍ଷା ପାଇଁ ଉଦିଷ୍ଟ । ମୋର ମାନସିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଦୋହଲି ଯାଇଛି । ଏଠାରେ ମୋର ଜନସାଧାରଣଙ୍କୁ ଗୋଟିଏ ପ୍ରଶ୍ନ ଯେ, ପୁରୁଷଙ୍କର କ'ଣ ସମ୍ମାନର ସହ ବଞ୍ଚିବାର ଅଧିକାର ନାହିଁ । ପୁରୁଷଙ୍କର ମଧ ସ୍ୱାଭିମାନ ନାହିଁ । କ'ଣ ପାଇଁ ଆମ୍ଭମାନଙ୍କ ପାଇଁ ଆଇନ୍ ନାହିଁ, ତା'ର ଉତ୍ତର କିଏ ଦେବ ? ? ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।